ସାରୁ ଏକ ଗ୍ରୀଷ୍ମ ମଣ୍ଡଳୀୟ କନ୍ଦ ଫସଲ ଅଟେ । ଭାରତ ବର୍ଷର ଉତ୍ତର ପ୍ରଦେଶ, ଓଡିଶା, ବିହାର, ପଶ୍ଚିମବଙ୍ଗ, ଆସାମ, ମେଘାଳୟ ଭଳି ଉତ୍ତର ଏବଂ ପୂର୍ବ ଭାରତରେ ସାରୁ ବହୁଳ ଭାବରେ ଚାଷ କରାଯାଏ । ଓଡ଼ିଶାର ପ୍ରାୟ ସବୁ ଉପକୂଳବର୍ତ୍ତୀ ଏବଂ ପାର୍ବତ୍ୟାଞ୍ଚଳରେ ଏହା ଏକ ଅର୍ଥ ଉପାର୍ଜନକାରୀ ଫସଲ ଭାବରେ ବେଶ୍ ଆଦୃତ । ଓଡ଼ିଶାରେ ମୁଖ୍ୟତଃ ୨ ପ୍ରକାରର ସାରୁ ଚାଷ କରାଯାଏ ।

**ଶଙ୍ଖ ସାରୁ -** ଏହା ବିଶେଷତଃ ଖରାଦିନରେ ଚାଷ କରାଯାଇଥାଏ ।

**କୁଜି ସାରୁ -** ଏହା ଉଭୟ ଖରାଦିନିଆ ଏବଂ ବର୍ଷାଦିନିଆ ଫସଲ ଭାବରେ ଚାଷ କରାଯାଏ ।

## ସାରୁରେ ଖାଦ୍ୟସାରର ପରିମାଣ

ପ୍ରତି ୧୦୦ ଗ୍ରାମ୍ ତଟକା ସାରୁରେ ୭୩.୧ ଗ୍ରାମ୍ ଜଳୀୟ ଅଂଶ, ୩ ଗ୍ରାମ୍ ପୁଷ୍ଟିସାର, ୧.୭ ଗ୍ରାମ୍ ଖଣିଜ ପଦାର୍ଥ, ୧ ଗ୍ରାମ୍ ତନ୍ତୁ, ୨୧ ଗ୍ରାମ୍ ଶ୍ୱେତସାର, ୪୦ ମିଲିଗ୍ରାମ୍ କ୍ୟାଲସିୟମ୍, ୧୪୦ ମିଲିଗ୍ରାମ୍ ଫସ୍‌ଫରସ୍ ଓ ୧.୬ ମିଲିଗ୍ରାମ୍ ଲୌହ ଥାଏ ।

ଏହା ବ୍ୟତିତ ଏଥିରେ ଖାଦ୍ୟପ୍ରାଣ ଖାଦ୍ୟପ୍ରାଣ 'କ', ଗ ମଧ ଭରି ରହିଥାଏ । ତେଣୁ ଏହା ସବୁ ବର୍ଗର ଲୋକମାନଙ୍କୁ ଖାଦ୍ୟ ଓ ପୋଷକ ତତ୍ତ୍ୱର ସୁରକ୍ଷା ଦେଇପାରେ । ତେଣୁ ଏହା ଆଦିବାସୀ ଅଞ୍ଚଳରେ ଚାଷିଭାଇମାନଙ୍କର ଖାଦ୍ୟ ସୁରକ୍ଷା ସଙ୍ଗେ ସଙ୍ଗେ ପୋଷଣ ଓ ଆର୍ଥିକ ସୁରକ୍ଷା ମଧ ସୁଦୃଢ଼ କରିଥାଏ ।

## ସାରୁର ଉପଯୋଗ

ଡାଲମା, ତରକାରୀ, କଡି ଇତ୍ୟାଦିରେ ସାରୁ ପକାଇ ରନ୍ଧାଯାଇଥାଏ । ସାରୁ ଚିପସ୍ ଲୋକଙ୍କ ପାଖରେ ବେଶ୍ ଆଦୃତ ।

ସାରୁର କଅଁଳିଆ ପତ୍ରକୁ ଶାଗ ଭଜା, ଖଟା ଓ ଚଟଣି କରି ଖୁଆଯାଏ।

## ଜଳବାୟୁ ଓ ମୃତ୍ତିକା

ସାରୁ ଚାଷ ପାଇଁ ଉଷ୍ମ ଓ ଆର୍ଦ୍ର ଜଳବାୟୁ ଉତ୍କୃଷ୍ଟ । ଏହା କମ୍ ଗରମ ଓ କମ୍ ଆର୍ଦ୍ରତା ଅଞ୍ଚଳରେ ମଧ ଚାଷ କରାଯାଇ ପାରେ !

ହାରାହାରି ବାର୍ଷିକ ବୃଷ୍ଟିପାତ ୧୨୦୦ ରୁ ୧୫୦୦ ମିଲି ମିଟର ହେଉଥିବା ଅଞ୍ଚଳରେ ସାରୁ ଫସଲ ଭଲ ହୋଇଥାଏ । ତାପମାତ୍ରା ୨୧ ଡିଗ୍ରୀ ରୁ ୨୭ ଡିଗ୍ରୀ ସେଣ୍ଟିଗ୍ରେଡ ରହିଲେ ଭଲ ।

ସାରୁ ସବୁ ପ୍ରକାର ମାଟିରେ ଚାଷ ହୁଏ, ମାତ୍ର ଗଭୀର, ନିଗିଡା , ବାଲିଆ ମଟାଳ ମାଟିରେ ସାରୁ ଫସଲ ଭଲ ହୋଇଥାଏ । ଜମିର ପି ଏଚ୍ ୫.୫- ୭.୦ ମଧରେ ହେବା ଦରକାର । ଓଡ଼ିଶାର ଜଳବାୟୁ ସାରୁ ଚାଷ ପାଇଁ ବେଶ୍ ଉପଯୋଗୀ ଅଟେ ।



## ଲଗାଇବା ସମୟ :

ମେ ମାସ ରୁ ଜୁନ୍ ମାସ ବର୍ଷା ଦିନିଆ ସାରୁ ଚାଷ ପାଇଁ ଉପଯୁକ୍ତ ସମୟ ଅଟେ । ଜଳସେଚନର ସୁବିଧା ଥିଲେ ମାର୍ଚ ମାସରେ ସାରୁ ଲଗାଇଲେ ବର୍ଷା ଦିନିଆ ଫସଲ ତୁଳନାରେ ଅଧିକ ଅମଳ ମିଳିଥାଏ।

## ଉନ୍ନତ ଓ ଅଧିକ ଅମଳକ୍ଷମ ସାରୁ କିସମ

**ମୁକ୍ତାକେଶୀ -** ୬ ରୁ ୭ ମାସ ଅବଧି ବିଶିଷ୍ଟ ଓ ଏକର ପ୍ରତି ୪- ୫ ଟନ୍ ଅମଳ, ପତ୍ରପୋଡା ରୋଗ ସାହନଶୀଳ ଓ ଉତ୍ତମ ରନ୍ଧନ ଗୁଣଯୁକ୍ତ ।

**ତେଲିଆ -** ୫ ଗୁ୬ ମାସ ମଧରେ ଏକର ପ୍ରତି ୫.୫ ରୁ ୬.୫ ଟନ୍ ଅମଳ ମିଳିଥାଏ । ସଅଳ ଅମଳକ୍ଷମ, ଖରାଦିନିଆ ଫସଲ ପାଇଁ ଉପଯୁକ୍ତ କିନ୍ତୁ ବର୍ଷାଦିନେ ପତ୍ରପୋଡ଼ା ରୋଗ ଦ୍ୱାରା ବହୁଳ ଭାବରେ ଆକ୍ରାନ୍ତ ହୋଇଥାଏ ।

## ଜମି ପ୍ରସ୍ତୁତି

ସାରୁ ଲଗାଇବା ପୂର୍ବରୁ ଜମିର ପ୍ରକାର ଅନୁସାରେ ୩ ରୁ ୪ ଓଡ଼ ଗଭୀର ଚାଷ କରନ୍ତୁ । ମଇ ଦେଇ ମାଟିକୁ ଭଲଭାବରେ ଗୁଣ୍ଡ କରି ସମତଳ କରନ୍ତୁ । ଶେଷ ଓଡ଼ଚାଷ ପୂର୍ବରୁ ଏକର ପ୍ରତି ୩ ରୁ ୪ ଟନ୍ ସଢ଼ା ଗୋବର ଖତ ଜମିରେ ମିଶାଇବା ଅବଶ୍ୟକ ।

## ସାରୁ ବିହନ

୧୫ ରୁ ୨୦ ଗ୍ରାମ୍ ଓଜନର ସାରୁ ପୁଆ ବିହନ ପାଇଁ ଉପଯୁକ୍ତ । ଗଜା ବାହାରିଥିବା ସାରୁକୁ ବିହନ ଆକାରରେ ବ୍ୟବହାର କରେ ଗଛ ଭଲ ହୁଏ ଏବଂ ଅଧିକ ଅମଳ ମିଳିଥାଏ।

ଏକ ଏକର ଫସଲ ପାଇଁ ହାରାହାରି ୬ ରୁ ୮ କ୍ୱିଣ୍ଟାଲ୍ ସାରୁ ବିହନ ଆବଶ୍ୟକ ହୋଇଥାଏ ।

## ଲଗାଇବା ପ୍ରଣାଳୀ

ମେ ମାସରେ ମୌସୁମୀ ବର୍ଷା ପୂର୍ବରୁ ଦେଶୀ ନଙ୍ଗଳରେ ଦୁଇ ଫୁଟ ବା ୬୦ ସେ.ମି.ବ୍ୟବଧାନରେ ସିଆର କାଟନ୍ତୁ । ହୁଡାରେ ଦେଢ଼ଫୁଟ (୪୫ ସେ.ମି.) ବ୍ୟବଧାନରେ ୨ ଇଞ୍ଚ ଗଭୀରରେ ସାରୁ ପୁଆ ପୋତନ୍ତୁ ।

ବର୍ଷା ହେବା ପୂର୍ବରୁ ହୁଡା ଗୁଡ଼ିକୁ ଶୁଖିଲା ତାଳ ପତ୍ର ଓ ନଡା ଦ୍ୱାରା ଘୋଡାଇଲେ ଭଲ ଗଜା ହେବା ସଙ୍ଗେ ସଙ୍ଗେ ଭଲ ଅମଳ ମିଳିଥାଏ । ସାରୁ ବିହନକୁ ତଳିଘେରାରେ ପ୍ରସ୍ତୁତ କରି ଦୁଇ ପତ୍ର ଅବସ୍ଥାରେ ତଳି ଗୁଡ଼ିକୁ ଜମିରେ ବତର ଥିବା ଅବସ୍ଥାରେ ଲଗା ଯାଇପାରେ ।



## ଖତ ଓ ସାର

ମାଟି ପରିକ୍ଷା କରି ଖତ ଓ ସାର ପ୍ରୟୋଗ କରିବା ଉଚିତ । ଶେଷ ଓଡ଼ ବାଛ ପୂର୍ବରୁ ଏକର ପ୍ରତି ୪ ଟନ୍ ସଢା ଗୋବର ଖତ ମାଟି ସହିତ ମିଶାଇ ଦିଅନ୍ତୁ । ବିହନ ଲଗାଇବା ପୂର୍ବରୁ ସବୁତକ ଫସଫରସ (ସୁପର୍) ମାଟିରେ ଭଲ ଭାବରେ ମିଶାଇ ଦିଅନ୍ତୁ । ଲଗାଇବାର ୩୦ ଦିନରେ ଅଧା ଯବକ୍ଷାରଜାନ (ୟୁରିଆ) ଏବଂ ଅଧା ପଟାସ ସାର ଗଛ ଧାଡିର ଦୁଇ ପଟେ ଦେଇ ହିଡ ଟେକନ୍ତୁ। ପ୍ରଥମ ଥର ଦେବାର ଏକମାସ ପରେ ବାକି ଅଧା ଯବକ୍ଷାରଜାନ ଏବଂ ପଟାସ ସାର ଧାଡିର ଦୁଇ ପାଖରେ ଦେଇ ମାଟି ଟେକନ୍ତୁ ।

## ଏକର ପ୍ରତି ସାର ର ପରିମାଣ

| ସାର | ଶେଷ ଓଡ ଚାଷ ସାମୟରେ (ଟନ୍) | ବିହନ ଲଗାଇବା ବେଳେ ପରିମାଣ (କେଜି) | ଲଗାଇବାର ୩୦ ଦିନ ପରେ (କେଜି) | ଲଗାଇବାର ୬୦ ଦିନ ପରେ (କେଜି) |
|---|---|---|---|---|
| ସଢା ଗୋବର ଖତ | ୪ | - | - | - |
| ୟୁରିଆ | - | - | ୮୬ | ୮୬ |
| ସୁପର | - | ୩୭୫ | - | - |
| ପଟାସ | - | - | ୬୬ | ୬୬ |

## ଜଳସେଚନ

ଯଦି ସାରୁ ବିହନ ଶୀଘ୍ର ଲଗାଯାଏ ଓ ତା ପରେ ବର୍ଷା ହୁଏ ନାହିଁ, ତେବେ ଗଜା ବାହାରିବା ପାଇଁ ହାଲୁକା ଜଳସେଚନ ଦରକାର ହୋଇଥାଏ ।

ଗଛ ବଢ଼ିବା ସମୟରେ ଅଧିକ ଦିନ ଧରି ବର୍ଷା ନହେଲେ ମାଟିର ଆର୍ଦ୍ରତା ବଜାୟ ରଖିବା ପାଇଁ ମଝିରେ ମଝିରେ ଜଳସେଚନ କରିବା ଆବଶ୍ୟକ।

ଖରା ଦିନିଆ ସାରୁ ଅଧିକ ପାଣି ଆବଶ୍ୟକ କରେ । ମାଟିର ଆର୍ଦ୍ରତା ଦେଖା ନିୟମିତ ପାଣି ମଡାଇବା ଆବଶ୍ୟକ।

## ପରବର୍ତ୍ତୀ ଯତ୍ନ

ଅଧିକ ଅମଳ ପାଇଁ ସାରୁ ଫସଲ ଲଗାଇବାର ପ୍ରଥମ ଦୁଇମାସ ଜମିରେ ଅନାବନା ଘାସ ନ ରହିବା ଆବଶ୍ୟକ ।

ବିହନ ଲଗାଇବାର ୩୦ ଦିନ ପରେ କୋଡାଖୁସା କରି ଘାସ ବାଛି ଖତ ସାର ଦେଇ ଗଛ ମୂଳକୁ ମାଟି ଟେକନ୍ତୁ ।

ପ୍ରଥମ କୋଡାଖୁସାର ଏକ ମାସ ପରେ ଦ୍ୱିତୀୟବାର କୋଡାଖୁସା କରି ଘାସ ବାଛି ଖତ ସାର ଦେଇ ଗଛ ମୂଳକୁ ମାଟି ଟେକନ୍ତୁ ।

## ସାରୁର ରୋଗ ଓ ତାହାର ନିରାକରଣ :

ସାରୁରେ ଦେଖାଯାଇଥିବା ରୋଗମାନଙ୍କ ମଧ୍ୟରେ ପତ୍ରପୋଡ଼ା ରୋଗ ପ୍ରଧାନ ଅଟେ ।

ସାରୁ ଗଛ ଏହି ରୋଗ ଦ୍ୱାରା ଆକ୍ରାନ୍ତ ହେଲେ ପ୍ରଥମେ ପତ୍ର ଉପରେ ଛୋଟ ଛୋଟ ପାଣିଚିଆ ବାଦାମୀ ରଙ୍ଗର ଦାଗ ଦେଖାଯାଏ। ଏହି ଦାଗସବୁ ଧିରେ ଧିରେ ଆକାରରେ ଏବଂ ସଂଖ୍ୟାରେ ବୃଦ୍ଧିପାଇ ଥାଏ ।ସର୍ବଶେଷରେ ଏହି ରୋଗଦ୍ୱାରା ଅକ୍ରାନ୍ତ ଫସଲ ପୋଡ଼ିଗଲା ପରି ଦେଖାଯାଏ ଏବଂ ଗଛ ମରିଯାଏ ।



## ସମନ୍ୱିତ ପ୍ରଣାଳୀରେ ପତ୍ରପୋଡ଼ା ରୋଗର ଦମନ :

ସର୍ବଦା ହୃଷ୍ଟପୁଷ୍ଟ ନିରୋଗ ବିହନ ବ୍ୟବହାର କରନ୍ତୁ ।

ପତ୍ରପୋଡ଼ା ରୋଗ ଦ୍ୱାରା ଆକ୍ରାନ୍ତ ହୋଇଥିବା ଫସଲରୁ ବିହନ ରଖନ୍ତୁ ନାହିଁ ।

ପତ୍ରପୋଡ଼ା ରୋଗ ନିରୋଧକ ଶକ୍ତି ଥିବା ମୁକ୍ତାକେଶୀ କିସମ ଚାଷ କରନ୍ତୁ ।

ସାରୁ କିଆରୀର ଅଖପାଖ ଅଞ୍ଚଳରେ ଥିବା ଅନାବନା ଜଙ୍ଗଲି ସାରୁ ଗଛ ଗୁଡ଼ିକୁ ଓପାଡ଼ି ନଷ୍ଟ କରିଦିଅନ୍ତୁ ।

ଏକ କିଲୋ ଗ୍ରାମ୍ ସାରୁ ବିହନରେ ୨ ଗ୍ରାମ୍ ମାଙ୍କୋଜେବ୍ ଗୋଳାଇ ବିହନକୁ ବିଶୋଧନ କରି ଲଗାନ୍ତୁ । ବୀଜାମୃତ ଦ୍ୱାରା ସାରୁ ବିହନକୁ ମଧ୍ୟ ବିଶାଧନ କରିବା ଉଚିତ ।



ମାଙ୍କୋଜେବ୍ ବଦଳରେ ଟ୍ରାଇକୋଡ଼ର୍ମା ଭିରିଡ଼ି ନାମକ କବକକୁ ଏକ କିଲୋଗ୍ରାମ୍ ସାରୁ ବିହନରେ ୧୦ ଗ୍ରାମ୍ ହିସାବରେ ବ୍ୟବହାର କରି ବିହନ ବିଶୋଧନ କରାଯାଇପାରେ।

ସାରୁ ଫସଲରେ ଭେଣ୍ଡି, ଅଦା ଏବଂ ହଳଦୀ ଅନ୍ତଃ ଫସଲ ଆକାରରେ ଇଗାଇରେ, ସାରୁ ଫସଲ ଏହି ରୋଗ ଦ୍ୱାରା କମ୍ ଆକ୍ରାନ୍ତ ହୁଏ ।

ସଅଳ ଅମଳକ୍ଷମ କିସମ (ତେଲିଆ ପ୍ରଜାତି) ମାର୍ଚ୍ଚ ରୁ ଏପ୍ରିଲ ମାସରେ ଲଗାଇରେ, ଏକ ପତ୍ରପୋଡ଼ା ରୋଗରୁ ରକ୍ଷା ମିଳିଥାଏ ।

ସଂକ୍ରମିତ ପତ୍ର ଗୁଡ଼ିକ ଛିଣ୍ଡାଇ ନଷ୍ଟ କରିଦିଅନ୍ତୁ । ଏଥିପାଇଁ ହାଣ୍ଡି ଖତ ସିଞ୍ଚନ କରନ୍ତୁ ।

ପତ୍ରପୋଡ଼ା ରୋଗ ଦେଖାଇଲେ ୧ ଲିଟର ପାଣିରେ ୨ ଗ୍ରାମ୍ ମାଙ୍କୋଜେବ୍ ବା ୨ ଗ୍ରାମ୍ ରିଡୋମିଲ ମିଶାଇ ପତ୍ରରେ ସିଞ୍ଚନ କରନ୍ତୁ । ୧୫ ଦିନ ପରେ ପୁଣି ଥରେ ପତ୍ରରେ ସିଞ୍ଚନ କରନ୍ତୁ ।

## ସାରୁରେ ଲାଗୁଥିବା ପୋକ ଓ ତାହାର ନିରାକରଣ

ସାରୁ ଫସଲ ସାଧାରଣତଃ ପତ୍ରଖିଆ ଦ୍ୱାରା ଆକ୍ରାନ୍ତ ହୋଇଥାଏ । ଏହି ପୋକକୁ ଦମନ କରିବା ପାଇଁ ଏକ ବାଲିଟି ପାଣିରେ ଏକ ଠିପି (୧୫ ମିଲି) କ୍ଲୋଇପାଇରିଫସ୍ ୨୦ ଇ.ସି. ଔଷଧକୁ ମିଶାଇ ଥରେ ବା ଦୁଇଥର ପତ୍ର ସିଞ୍ଚନ କରନ୍ତୁ । ନିମାସ୍ତ୍ର ବା ଆଗ୍ନେୟାସ୍ତ୍ର ମଧ୍ୟ ସିଞ୍ଚନ କରନ୍ତୁ ।

ସାରୁରେ ଜଉପୋକ ଲାଗିଲେ କ୍ୱିନାଲଫସ୍ ବା ଡାଇମେଥୋଏଟ୍ ୨ ମିଲି ପ୍ରତି ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।



## ଅମଳ ଓ ପରବର୍ତ୍ତୀ ଯତ୍ନ

ସାରୁ ଫସଲ କିସମ ଏବଂ ଋତୁ ଅନୁସାରେ ୫ ରୁ ୭ ମାସରେ ଅମଳକ୍ଷମ ହୋଇଥାଏ ।

ସାରୁ ପତ୍ର ଶୁଖି ଆସିଲେ ସାରୁ ଅମଳ କରନ୍ତୁ ।

ମୁଣ୍ଡା ଏବଂ ପୁଆ ଗୁଡ଼ିକୁ ଅଲଗା ଅଲଗା ସଂଗ୍ରହ କରନ୍ତୁ।

ପୁଆ ଗୁଡ଼ିକ ଖୋଲା ପବନ ବାଜୁଥିବା ଘରେ ୨ ରୁ ୪ ଦିନ ଶୁଖିବାକୁ ଦିଅନ୍ତୁ ।

ସାଧାରଣ ଉତାପରେ ସାରୁ ପୁଆ ୨ ରୁ ୪ ମାସ ସୁରକ୍ଷିତ ରହିଥାଏ ।

ଉନ୍ନତ ପ୍ରଣାଳୀରେ ଚାଷ କଲେ ୧ ଏକର ଫସଲରୁ ୧୨ ରୁ ୧୬ ଟନ୍ ପର୍ଯ୍ୟନ୍ତ ଅମଳ ମିଳିପାରିବ ।

Shakti Organisation
Catalysing Sustainable Development

ashraya hastha trust

# ଉନ୍ନତ ପ୍ରଣାଳୀରେ ସାରୁ ଚାଷ







ହାଉସିଂ ବୋର୍ଡ କୋଲନୀ, ପୋ/ଜିଲ୍ଲା-ରାୟଗଡା, ଓଡିଶା
ପିନ୍- ୭୬୫୦୦୧
ଫୋନ୍ ନଂ.- ୦୬୮୫୬-୩୫୯୮୩୮

e-mail-shaktiorg@gmail.com,
www.shaktiorg.com
http://shaktiorg.blogspot.in